# ODM PUBLIC SCHOOL

**DATE :**
**SESSION :11**
**CLASS : v**
**SUBJECT : (ଓଡିଆ)**
**CHAPTER NUMBER:5**
**CHAPTER NAME : ଫୁଲ**
**SUBTOPIC : ଉପକ୍ରମ,ଆବୃତ୍ତି,କବିପରିଚୟ**

# LEARNING OBJECTIVE

ସ୍ପଷ୍ଟଉଚ୍ଚାରଣ ଓ ନିର୍ଭୁଲ ଆବୃତ୍ତି ।

# ଫୁଲ

ପଣ୍ଡିତ ମୃତ୍ୟୁଞ୍ଜୟ ରଥ

ମୋ ବାସ ଗଛରେ ଲଟାବୁଦାରେ
ଶାଗ ଶିଉଳିରେ ଘାସ ହୁଡ଼ାରେ ।



ମୁଁ ଥାଏ ପର୍ବତେ ଜଳ ସ୍ଥଳରେ
ବନେ ଉପବନେ କୂଳ କନ୍ଦରେ ।

ମୁଁ ଥାଏ କୁଞ୍ଜରେ ମନ୍ଦିର ପାଶେ
ସଞ୍ଜ ସକାଳରେ ମୁଁ ଫୁଟି ବାସେ ।

ମୋ ରୂପ ସୁନ୍ଦର କେତେ ନିର୍ମଳ
ପତର ଉପରେ ଦିଶେ ସୁଢ଼ଳ ।



କି ଯୁବା ବାଳକ ଅବା ସ୍ଥବିର
ମୋତେ ଦେଖିଲେଟି ହୋନ୍ତି ଅଧୀର ।

ମୋତେ କେ ଗଳାରେ କେବା ମୁଣ୍ଡରେ
ଥୁଅନ୍ତି, ନ ଦଳି କେହି ପୟରେ ।

ମୋ ବାସ ଚୌଦିଗେ ଯାଏ ଚହଟି
ପବନ ମହକି ଥାଏ ଜାଣଟି ?

ବଣା ହୋଇ ଧାଇଁ ଆସେ ଭଅଁର
ଆଦରନ୍ତି ପଶୁପକ୍ଷୀ ସକଳ ।

ମୋ କାନ୍ତି ଦେଖିଲେ ଯୋଗୀଙ୍କ ଶାନ୍ତି
ମୋ ଦେହେ ଦେବତା ସେ ଦେଖୁଥାନ୍ତି ।



ପୂଜା ଲାଗି ମୁହିଁ ଯାଏ ବିଧିରେ
କେଉଁ ଦେବତାର ନ ବସେ ଶିରେ !

ମୋହ ଯୋଗୁଁ ପଟ ଯାଏ ନିସ୍ତରି
କୀଟ ବସେ ପୁଣି ଶିରେ ସବୁରି ।



# କବିପରିଚୟ

ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଓଡିଆ ଭାଷାସାହିତ୍ୟ ଜଗତରେ ଏକ ଅମ୍ଳାନ ପ୍ରତିଭା । ସେ ୧୮୮୨ ମସିହା ମଇ ମାସ ୧୪ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ସ୍ୱଳ୍ପଜୀବନ କାଳ ମଧ୍ୟରେ ଓଡିଆ ଭାଷା ସାହିତ୍ୟକୁ ତାଙ୍କର ଦାନ ଅତୁଳନୀୟ । ସେ କେତୋଟି ସଂସ୍କୃତ ନାଟକକୁ ଓଡିଆ ଅନୁବାଦ କରି ପ୍ରଶଂସାର ପାତ୍ର ହୋଇପାରିଥିଲେ ।'ଅଦ୍ଭୁତ ପରିଣାମ'କର୍ମଯୋଗୀ ଗୌରୀଶଙ୍କର''ଶାରଳା ଚରିତ' 'ସରଳ ଓଡିଆ ଅଭିଧାନ''ସୁଖବୋଧବ୍ୟାକରଣ' ପରି ଅନେକ ପୁସ୍ତକ ରଚନା କରି ଓଡିଆ ଭାଷାସାହିତ୍ୟକୁ ବଳିଷ୍ଠ ଓ ପରିପୁଷ୍ଟ କରିଛନ୍ତି ।

ODM PUBLIC SCHOOL
SCHOOL OF HUMAN EXCELLENCE

# ଗୃହକର୍ମ

କବିତାଟିକୁ ଘରେ ପଢ଼ ଓ ମନେ ରଖ ।

ODM PUBLIC SCHOOL
SCHOOL OF HUMAN EXCELLENCE

# LEARNING OUTCOME:

ସ୍ୱର,ତାଳ,ଲୟରେ କବିତା ଆବୃତ୍ତି ।

# THANKING YOU

# ODM EDUCATIONAL GROUP